ଏମ୍. ସି. ମେହେତା

*ବନାମ*

ଭାରତ ସଂଘ ଏବଂ ଅନ୍ୟମାନେ

1 ଡିସେମ୍ବର 1998

[ଡ. ଏ. ଏସ୍. ଆନନ୍ଦ, ମୁଖ୍ୟ ନ୍ୟାୟାଧୀଶ,ବି. ଏନ୍. କିରପାଲ୍ ଏବଂ ଭି.ଏନ୍. ଖାରେ, ନ୍ୟାୟମୂର୍ତ୍ତିଦ୍ୱୟ]

*ପରିବେଶ ଆଇନ – ଯାନବାହନ ଜନିତ ପ୍ରଦୂଷଣ – ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳ – ଯାତାୟତର ଉପଯୁକ୍ତ ପରିଚାଳନା ଏବଂ ନିୟନ୍ତ୍ରଣ – ଜନସାଧାରଣଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ନିରାପତ୍ତାମୂଳକ ବ୍ୟବସ୍ଥା – ଯାନବାହନ ଜନିତ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟପାଳିକାର ଦାୟିତ୍ୱ – କାର୍ଯ୍ୟପାଳିକାର ନିଷ୍କ୍ରିୟତା – ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସମୟ ସମୟରେ ଦିଆଯାଇଥିବା ନିର୍ଦ୍ଦେଶ – କାର୍ଯ୍ୟାନ୍ୱୟନ – ଏହି ନ୍ୟାୟାଳୟଙ୍କ ଦ୍ୱାରା ପୂର୍ବରୁ ଜାରି କରାଯାଇଥିବା ବିଭିନ୍ନ ନିର୍ଦ୍ଦେଶାବଳୀ ସମ୍ପର୍କରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ବିସ୍ତୃତ ବିବରଣୀ ମହା ନ୍ୟାୟବାଦୀ ପ୍ରଦାନ କରିବେ – ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଭାରତ ସଂଘ ଦ୍ୱାରା ଉପଯୁକ୍ତ ଭାବରେ ପ୍ରଚାର କରାଯିବ ଯାହା ଦ୍ୱାରା ସମସ୍ତଙ୍କୁ ନିର୍ଦ୍ଦେଶାବଳୀ ବିଷୟରେ ଅବଗତ କରାଯାଇପାରିବ – ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ରାଜ୍ୟର କର୍ତ୍ତବ୍ୟ – ଯେକୌଣସି କର୍ତ୍ତୃପକ୍ଷ, ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ଆଦେଶ କିମ୍ବା ନିର୍ଦ୍ଦେଶ ସତ୍ତ୍ୱେ, ଯାନବାହାନ ପ୍ରଦୂଷଣ ଏବଂ ଯାତାୟତ ପରିସ୍ଥିତି ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ସମସ୍ତ ସମ୍ପୃକ୍ତଙ୍କ ଦ୍ୱାରା ପାଳନ କରାଯିବ ।*

*ଦେୱାନୀ ମୂଳ କ୍ଷେତ୍ରାଧିକାର :ରିଟ୍ ଆବେଦନ (ସି) ସଂଖ୍ୟା 13029/1985*

*(ଭାରତର ସମ୍ବିଧାନର ଧାରା 32 ଅନୁଯାୟୀ)*

ସନ୍ତୋଷ ଏନ୍. ହେଗଡେ, ମହା ନ୍ୟାୟବାଦୀ, ଏଚ୍. ଏନ୍. ସାଲଭେ, (ଏସି), ପି. ପି. ମାଲହୋତ୍ରା, ଶାନ୍ତି ଭୂଷଣ, ଡ. ରାଜୀବ ଧୱନ, ୟୁ. ୟୁ. ଲଳିତ, (ଏ.ସି.), ଏମ୍. ସି. ମେହେତା-ବ୍ୟକ୍ତିଗତ ଭାବେ(ଏନପି), ଏସ୍. ୱାସିମ ଏ. କାଦରୀ, ସୁଶ୍ରୀ ଅନୀଲ କଟିୟାର, ସୁଶ୍ରୀ ଇନ୍ଦ୍ର ସାହାନୀ, ସୁଶ୍ରୀ ଅନୁଭା ଜୈନ, ଅରବିନ୍ଦ କୁମାର ଶର୍ମା, ସୁଶ୍ରୀ ନିରଞ୍ଜନା ସିଂ, ସୁଶ୍ରୀ ସୁଷମା ସୁରୀ, ଅରୁଣେଶ୍ୱର ଗୁପ୍ତା, ପ୍ରଶାନ୍ତ ଭୂଷଣ, ସଞ୍ଜୀବ କପୁର, ବିଦେହ ଉପାଧ୍ୟାୟ ଏବଂ ବିଜୟ ପଞ୍ଜୱାନୀ ।

ଭି. ବି. ସାହାରିଆ, ଅନିଲ କୁମାର ମିତ୍ତଲ, ବ୍ୟକ୍ତିଗତ ଭାବେ, ଅନିଲ ସୁଦ, ବ୍ୟକ୍ତିଗତ ଭାବେ, ସୁଶୀଲ କୁମାର ଜୈନ, ପ୍ରଦୀପ ଅଗ୍ରୱାଲ, ଏ. ପି. ଧମିଜା, ଉମେଶ ବୋହରେ, ଏ. ମିଶ୍ର, ଏଲ୍. ପି. ସିଂହ, ଅତୁଲ୍ ଶର୍ମା, ଏମ୍. ଏ. ଚିନ୍ନାସ୍ୱାମୀ, ଆର୍. କେ. କପୁର, ପି. ବର୍ମା, ଅନୀସ୍ ଅହମ୍ମଦ ଖାନ, ଜୟନ୍ତ ନାଥ, ରାକେଶ ଶର୍ମା, ଆର୍. ଶଶିପ୍ରଭୁ, ଆର୍. କେ. ମାହେଶ୍ୱରୀ, ଅଶୋକ ମାଥୁର, ରଣଜିତ କୁମାର, ଏଜାଜ୍ ମକବୁଲ, ହରଦୀପ ସିଂହ ଆନନ୍ଦ, ଏସ୍. କେ. ଶ୍ରୀବାସ୍ତବ, ଏଲ୍. କେ. ପାଣ୍ଡେ, ଏସ୍. ବି. ଉପାଧ୍ୟାୟ, ଏସ୍. ଆର୍. ସେଠିଆ, ସଞ୍ଜୟ ପାରିଖ, ମହାବୀର ସିଂହ, ଦୀନେଶ କେ. ଗର୍ଗ, ଆର୍. ପି. ଗୁପ୍ତା, ସୁଶ୍ରୀ ବିନୁ ଟମଟା, ଆର୍. ସି. ବର୍ମା, ଶ୍ରୀ ନାରାୟଣ, ବିନୀତ କୁମାର, ପି. କେ. ବକ୍ସି, ପ୍ରେମ୍ ମାଲହୋତ୍ରା, ସୁଶ୍ରୀ ରାଣୀ ଛାବ୍ରା ଏବଂ ଏନ୍. ଡି. ଗର୍ଗ ଉପସ୍ଥିତ ଥିବା ପକ୍ଷଗୁଡ଼ିକ ପାଇଁ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ରିଟ୍ ଆବେଦନ 1985ରେ ଦାଖଲ କରାଯାଇଥିଲା । ଏକ ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି । ଏହି ଆବେଦନରେ ପରିବେଶର ଉନ୍ନତି ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା, ଯେଉଁଥିରେ ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳ ଜନସାଧାରଣଙ୍କ ସୁରକ୍ଷା ପାଇଁ ଆବଶ୍ୟକ ନିରାପତ୍ତାମୂଳକ ବ୍ୟବସ୍ଥା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଯାତାୟତର ଉପଯୁକ୍ତ ପରିଚାଳନା ଏବଂ ନିୟନ୍ତ୍ରଣ ସମ୍ବନ୍ଧୀୟ ବିଷୟ ଅନ୍ତର୍ଭୁକ୍ତ ଥିଲା । ଏହା ବ୍ୟତୀତ, ଯାନବାହନ ଜନିତ ପ୍ରଦୂଷଣ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା ଏବଂ ବିଶୃଙ୍ଖଳିତ ଯାତାୟତ ପରିସ୍ଥିତିର ଯତ୍ନ ନେବା ପାଇଁ ପ୍ରତିକାର ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯାହା ସଡ଼କ ଦୁର୍ଘଟଣାଗୁଡ଼ିକୁ ଜନ୍ମ ଦେଇଛି ଯାହା ଫଳରେ ନାଗରିକମାନଙ୍କ ମୃତ୍ୟୁ ଏବଂ ଶାରୀରିକ ଆଘାତ ଘଟିଛି । ଯାନବାହନ ଜନିତ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଏବଂ ପରିବେଶର ସୁରକ୍ଷା କରିବା ମୁଖ୍ୟତଃ କାର୍ଯ୍ୟପାଳିକାଙ୍କର କାର୍ଯ୍ୟ । ସାଧାରଣ ଜନତାଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଶୃଙ୍ଖଳିତ ଯାତାୟତ ପରିସ୍ଥିତି ଏବଂ ଯାନବାହନ ଜନିତ ପ୍ରଦୂଷଣର ବିପଦକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପଗୁଡିକର କଠୋର କାର୍ଯ୍ୟକାରିତା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଏବଂ ଯନ୍ତ୍ରପାତି ଯୋଗାଇବା ସେମାନଙ୍କର କର୍ତ୍ତବ୍ୟ । କାର୍ଯ୍ୟପାଳିକା ପକ୍ଷର ନିଷ୍କ୍ରିୟତା, ତଥାପି, ଏହି ନ୍ୟାୟାଳୟକୁ ଏହି ରିଟ୍ ଆବେଦନ ରେ ସମୟ ସମୟରେ କିଛି ନିର୍ଦ୍ଦେଶ ଜାରି କରିବାକୁ ବାଧ୍ୟ କରିଥିଲା, କିନ୍ତୁ ସେହି ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟ ବାସ୍ତବରେ ଅଳ୍ପ କିଛି କରାଯାଇଥିବା ପରି ଜଣାପଡେ । କାହାକୁ ଦାୟୀ ଏବଂ ଉତ୍ତରଦାୟୀ କରିବାର ପ୍ରଶ୍ନ ଉପରେ ବିଚାର କରିବା ପୂର୍ବରୁ, ଆମେ 20 ନଭେମ୍ବର 1997 ରେ ଏବଂ ପରବର୍ତ୍ତୀ ତାରିଖଗୁଡ଼ିକରେ ଜାରି କରାଯାଇଥିବା କିଛି ନିର୍ଦ୍ଦେଶକୁ ପୁନରାବୃତ୍ତି କରିବା ଏବଂ ସେମାନଙ୍କର କଠୋର ଅନୁପାଳନ ନିର୍ଦ୍ଦେଶ ଦେବା ଉପଯୁକ୍ତ ବୋଲି ବିବେଚନା କରୁ । ଆମେ ନିର୍ଦ୍ଦେଶ ଦେଉଛୁ:

"(a) କୌଣସି ଭାରୀ ଏବଂ ମଧ୍ୟମ ପରିବହନ ଯାନ ଏବଂ ହାଲୁକା ମାଲବାହୀ ଚାରି ଚକିଆ ଯାନକୁ ଏନ୍ ସି ଆର୍ ଏବଂ ଏନ୍ ସି ଟି, ଦିଲ୍ଲୀର ରାସ୍ତାରେ ଚଳାଚଳ କରିବାକୁ ଅନୁମତି ଦିଆଯିବ ନାହିଁ, ଯେ ପର୍ଯ୍ୟନ୍ତ ସେଗୁଡିକ ଉପଯୁକ୍ତ ବେଗ ନିୟନ୍ତ୍ରଣ ଉପକରଣ ସହିତ ସଜ୍ଜିତ ହୋଇ ନାହିଁ ଯାହା ନିଶ୍ଚିତ କରେ ଯେ ସେଗୁଡିକ 40 କିଲୋମିଟର ପ୍ରତି ଘଣ୍ଟା ବେଗ ସୀମାକୁ ଅତିକ୍ରମ କରିବ ନାହିଁ । ଆନ୍ତଃରାଜ୍ୟ ଅନୁମତି ପତ୍ର ଏବଂ ଜାତୀୟ ସାମଗ୍ରୀ ଅନୁମତି ପତ୍ରରେ ଚାଲୁଥିବା ପରିବହନ ଯାନ ପାଇଁ ଏହା ଲାଗୁ ହେବ ନାହିଁ । ତଥାପି, ଏହିପରି ଛାଡ଼ପ୍ରାପ୍ତ ଯାନଗୁଡ଼ିକ ପୋଲିସ/ପରିବହନ କର୍ତ୍ତୃପକ୍ଷ ପ୍ରକାଶ କରିଥିବା ଦିନ ଏବଂ ରାତି ସମୟରେ ଏପରି ମାର୍ଗ ଏବଂ ସମୟ ମଧ୍ୟରେ ସୀମିତ ରହିବ । ଏହା ସ୍ପଷ୍ଟ କରାଯାଇଛି ଯେ ଉପରୋକ୍ତ ଛାଡ଼ କରାଯାଇଥିବା ରାସ୍ତା ବ୍ୟତୀତ କିମ୍ବା ଗତି ନିୟନ୍ତ୍ରଣ ଉପକରଣ ବିନା ଉପରୋକ୍ତ ସମୟ ବ୍ୟତୀତ ଅନ୍ୟ କୌଣସି ସମୟରେ କୌଣସି ଯାନକୁ ଅନୁମତି ଦିଆଯିବ ନାହିଁ ।

(b) ଆମ ମତରେ, ଏହି ଅଧିନିୟମର ଯୋଜନା ନିଶ୍ଚିତ ଭାବରେ ଯାନବାହନକୁ ଏପରି ଭାବରେ ବ୍ୟବହାର କରିବା ପାଇଁ ଏକ ବାଧ୍ୟବାଧକତାକୁ ବୁଝାଏ ଯାହା ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇବ ନାହିଁ । ତେଣୁ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହା ସୁନିଶ୍ଚିତ କରିବା ଉଚିତ ଯେ, ପରିବହନ ଯାନକୁ ଅନ୍ୟ କୌଣସି ଚାରି ଚକିଆ ମୋଟର ଚାଳିତ ଯାନକୁ ଅତିକ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ ।

(c) ସେମାନେ ଏହା ମଧ୍ୟ ସୁନିଶ୍ଚିତ କରିବେ ଯେ ଯେଉଁଠାରେ ଏହା ବିଦ୍ୟମାନ ଅଛି, ବସ୍ ଗୁଡ଼ିକୁ ବସ୍ ଲେନ୍ ମଧ୍ୟରେ ସୀମିତ ରଖାଯିବ ଏବଂ ସମାନ ଭାବରେ ଅନ୍ୟ କୌଣସି ମୋଟରଚାଳିତ ଯାନ ବସ୍

ଲେନ୍ ରେ ପ୍ରବେଶ କରିପାରିବ ନାହିଁ । ପୋଲିସ ଏବଂ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦେଶିତ ସମସ୍ତ ରାସ୍ତାରେ ବସ୍ ଲେନ୍ ଅଲଗା ହେବା ଏବଂ ରାସ୍ତା ଚିହ୍ନ ପ୍ରଦାନ କରାଯିବା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବ ପାଇଁ ଆମେ ଦିଲ୍ଲୀ ମହାନଗର ନିଗମ, ଏନ୍ ଡ଼ି ଏମ୍ ସି, ପି ଡ଼ବ୍ଲ୍ୟୁ ଡି, ଦିଲ୍ଲୀ ସରକାର ଏବଂ ଡିଡ଼ିଏ, କେନ୍ଦ୍ର ସରକାର ଏବଂ ଦିଲ୍ଲୀ କ୍ୟାଣ୍ଟ. ବୋର୍ଡକୁ ନିର୍ଦ୍ଦେଶ ଦେଉଛୁ ।

(d) ସେମାନେ ସୁନିଶ୍ଚିତ କରିବେ ଯେ, ବସ୍‌ଗୁଡ଼ିକ କେବଳ ସେହି ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ବସ୍ ଷ୍ଟପ୍‌ରେ ଏବଂ ଚିହ୍ନିତ ଅଞ୍ଚଳ ମଧ୍ୟରେ ଅଟକିବ । ଏହି ପରିପ୍ରେକ୍ଷୀରେ ପରିବହନ/ପୋଲିସ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂଚିତ ସ୍ଥାନଗୁଡ଼ିକରେ ଉପଯୁକ୍ତ ବସ୍ ଷ୍ଟପ୍ ନିର୍ମାଣ, ଉପଯୁକ୍ତ ଚିହ୍ନିତ କରିବା ଏବଂ ବସ୍-ବେ ନିର୍ମାଣ କରିବା ପାଇଁ ଦିଲ୍ଲୀ ମହାନଗର ନିଗମ, ଏନ୍ ଡ଼ି ଏମ୍ ସି, ପି ଡ଼ବ୍ଲ୍ୟୁ ଡି, ଦିଲ୍ଲୀ ସରକାର ଏବଂ ଡିଡ଼ିଏ, ଭାରତ ସଂଘ ଏବଂ ଦିଲ୍ଲୀ କ୍ୟାଣ୍ଟ. ବୋର୍ଡ ସମସ୍ତ ପଦକ୍ଷେପ ନେବେ ।

(e) ଏନ୍ ସି ଆର୍ ଏବଂ ଏନ୍ ସି ଟି, ଦିଲ୍ଲୀର ଯେକୌଣସି ସଡ଼କ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରତ୍ୟେକ ଅନୁମତି ପତ୍ର ଧାରକ ଆଜିଠାରୁ ଦଶ ଦିନ ମଧ୍ୟରେ, ତାଙ୍କ ଦ୍ୱାରା ନିୟୋଜିତ ଡ୍ରାଇଭରମାନଙ୍କର ଏକ ତାଲିକା ଆର୍ ଟି ଏ ସହିତ ଉପଯୁକ୍ତ ଛାୟାଚିତ୍ର ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଦାଖଲ କରିବେ ଯାହା ଦ୍ୱାରା ଏପରି ବ୍ୟକ୍ତିମାନଙ୍କର ପରିଚୟ ପ୍ରତିଷ୍ଠା କରାଯାଇପାରିବ । ପ୍ରତ୍ୟେକ ଯାନରେ ଆର୍ ଟି ଏ ଦ୍ୱାରା ବିଧିବଦ୍ଧ ଭାବେ ପ୍ରମାଣିତ ହୋଇଥିବା ପ୍ରାଧିକୃତ ଡ୍ରାଇଭରଙ୍କର ଏକ ଉପଯୁକ୍ତ ଛାୟାଚିତ୍ର ରହିବ । ଅଧିକୃତ ଡ୍ରାଇଭରଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ଯେକୌଣସି ଯାନକୁ ଅନୁମତି ପତ୍ରରେ ଉଲ୍ଲଂଘନରେ ବ୍ୟବହୃତ ବୋଲି ବିବେଚନା କରାଯିବ ଏବଂ ସେହି ଅନୁଯାୟୀ ପରିଣାମ ଅନୁସରଣ କରାଯିବ ।

(f) କୌଣସି ଶିକ୍ଷାନୁଷ୍ଠାନର କିମ୍ବା ତା'ଦ୍ୱାରା ଭଡ଼ାରେ ନିଆଯାଇଥିବା କୌଣସି ବସ୍ ଜଣେ ଚାଳକଙ୍କ ଦ୍ୱାରା ପରିଚାଳିତ ହେବ ନାହିଁ, ଯିଏ

— ଭାରୀ ଯାନ ଚଳାଇବାର ପାଞ୍ଚ ବର୍ଷରୁ କମ୍ ଅଭିଜ୍ଞତା ରଖିଥିବ;
— ଏକ ଛୋଟ ଯାତାୟତ ଅପରାଧ ପାଇଁ ଦୁଇଥରରୁ ଅଧିକ ଚାଲାଣ କଟାଯାଇଛି;
— ବେପରୁଆ ଗାଡ଼ି ଚାଳନା ଏବଂ ଅବହେଳା ସମ୍ବନ୍ଧୀୟ କୌଣସି ଅପରାଧ ପାଇଁ ଅଭିଯୁକ୍ତ କରାଯାଇଛି ।

ଏପରି ସମସ୍ତ ଚାଳକମାନେ ଏକ ସ୍ୱତନ୍ତ୍ର ୟୁନିଫର୍ମ ପିନ୍ଧିବେ, ଏବଂ ଏପରି ସମସ୍ତ ବସ୍‌ରେ ଏକ ଉପଯୁକ୍ତ ଲେଖା ରହିବ ଯାହା ସୂଚାଇବ ଯେ ସେମାନେ ଏକ ଶିକ୍ଷାନୁଷ୍ଠାନର କର୍ତ୍ତବ୍ୟରେ ଅଛନ୍ତି ।

ଆମେ ଦିଲ୍ଲୀ ମହାନଗର ନିଗମ (ଏମ୍ ସି ଡି), ନୂଆଦିଲ୍ଲୀ ମହାନଗର ନିଗମ (ଏନ୍ ଡ଼ି ଏମ୍ ସି), ଲୋକ ନିର୍ମାଣ ବିଭାଗ (ପିଡବ୍ଲ୍ୟୁଡି), ଦିଲ୍ଲୀ ବିକାଶ ପ୍ରାଧିକରଣ (ଡିଡ଼ିଏ), ଦିଲ୍ଲୀ ପରିବହନ ନିଗମ (ଡିଟିସି) ଏବଂ ଦିଲ୍ଲୀ ସରକାରଙ୍କୁ ଏହା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଉଛୁ । (i) ବସ୍ ଲେନ୍ ଗୁଡ଼ିକୁ ଅଲଗା କରି ରଖାଯାଇଥାଏ ଏବଂ ପୋଲିସ୍ ଏବଂ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ସମସ୍ତ ରାସ୍ତାରେ ରାସ୍ତା ଚିହ୍ନ ପ୍ରଦାନ କରାଯାଇଥାଏ । ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯିବ:ଏବଂ (ii) ପରିବହନ/ପୋଲିସ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂଚିତ ହୋଇଥିବା ସ୍ଥାନରେ ଉପଯୁକ୍ତ ବସ୍ ଷ୍ଟପ୍ ନିର୍ମାଣ,

ଉପଯୁକ୍ତ ଚିହ୍ନ ରଙ୍ଗ କରିବା ଏବଂ ବସ୍ ବେ ନିର୍ମାଣ କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଏହି କାର୍ଯ୍ୟ ଏହି ଆଦେଶର ତାରିଖ ଠାରୁ ଦୁଇ ସପ୍ତାହ ମଧ୍ୟରେ ଆରମ୍ଭ ହେବ ଏବଂ ତା'ପର ଛଅ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ବିଜ୍ଞ ମହା ନ୍ୟାୟବାଦୀ 20 ନଭେମ୍ବର, 1997; 16 ଡିସେମ୍ବର, 1997; 28 ଜୁଲାଇ, 1998 ଏବଂ ପରବର୍ତ୍ତୀ ସମୟରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରି ଏକ ସାଂପ୍ରତିକ ସ୍ଥିତି ବିବୃତି ଦାଖଲ କରିବେ । ଆଠ ସପ୍ତାହ ମଧ୍ୟରେ ଜଣେ ଦାୟିତ୍ୱବାନ ଅଧିକାରୀଙ୍କ ସତ୍ୟପାଠ ଉପରେ ଆବଶ୍ୟକୀୟ କାର୍ଯ୍ୟ କରାଯିବ ।

ଆମେ ଏହା ମଧ୍ୟ ନିର୍ଦ୍ଦେଶ ଦେଉଛୁ ଯେ, ଭାରତ ସଂଘ ନିଶ୍ଚିତ କରିବ ଯେ, ଏହି ନ୍ୟାୟାଳୟଙ୍କ ଦ୍ୱାରା 20 ନଭେମ୍ବର, 1997; 16 ଡିସେମ୍ବର 1997 ଏବଂ 28 ଜୁଲାଇ, 1998 ରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଉପଯୁକ୍ତ ଭାବରେ ପ୍ରଚାରିତ ହେବ, ଯାହା ଦ୍ୱାରା ସମସ୍ତେ ଆମର ବିଭିନ୍ନ ଆଦେଶଗୁଡ଼ିକରେ ଥିବା ନିର୍ଦ୍ଦେଶାବଳୀ ବିଷୟରେ ସଚେତନ ହୋଇପାରିବେ । ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ଆରମ୍ଭରୁ, ଅତି କମରେ ଛଅ ସପ୍ତାହ ପାଇଁ ପ୍ରତି ଦିନେ ଛାଡ଼ି ଦିନେ ଜାରି ରହିବା ଉଚିତ ।

ଆମେ ଗୁରୁତ୍ୱାରୋପ କରିବାକୁ ଚାହୁଁ ଯେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ, ଯାହା ସାଧାରଣ ଲୋକହିତରେ, ପାଳନ କରାଯିବା ଆବଶ୍ୟକ ଏବଂ ସେହି ନିର୍ଦ୍ଦେଶଗୁଡ଼ିକୁ ପାଳନ କରାଯିବା ସୁନିଶ୍ଚିତ କରିବା ରାଜ୍ୟର ଦାୟିତ୍ୱ । ଆମ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ପାଳନ କରିବା ଉଦ୍ଦେଶ୍ୟରେ ଆମେ ନ୍ୟାୟାଳୟ ଅଧିକାରୀମାନଙ୍କ ନିଯୁକ୍ତି ଉପରେ ବିଚାର କରୁଛୁ ଏବଂ ଯଦି ଦିଲ୍ଲୀ ପ୍ରଶାସନର ଏପରି କୌଣସି ନ୍ୟାୟାଳୟ ଅଧିକାରୀଙ୍କ ନିଯୁକ୍ତି ବିଷୟରେ କୌଣସି ପରାମର୍ଶ ଥାଏ, ତେବେ ସେମାନେ ଚାରି ସପ୍ତାହ ମଧ୍ୟରେ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଏହିପରି ବ୍ୟକ୍ତିଙ୍କ ତାଲିକା ଦାଖଲ କରିବାକୁ ସ୍ୱାଧୀନତା ପାଇବେ ।

ଆମେ ଆହୁରି ନିର୍ଦ୍ଦେଶ ଦେଉଛୁ ଯେ ଯାନବାହାନ ଜନିତ ପ୍ରଦୂଷଣ ଏବଂ ଯାତାୟତ ପରିସ୍ଥିତି ସମ୍ବନ୍ଧୀୟ ବିଭିନ୍ନ ନିର୍ଦ୍ଦେଶ ସମ୍ବଳିତ ଆମ ଦ୍ୱାରା ଦିଆଯାଇଥିବା ଆଦେଶଗୁଡ଼ିକ ଯେକୌଣସି କର୍ତ୍ତୃପକ୍ଷ, ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ଅନ୍ୟ କୌଣସି ଆଦେଶ କିମ୍ବା ନିର୍ଦ୍ଦେଶ ସତ୍ତ୍ୱେ, ସମ୍ପୃକ୍ତ ସମ୍ପୃକ୍ତଙ୍କ ଦ୍ୱାରା ପାଳନ କରାଯିବ ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶଗୁଡ଼ିକର କାର୍ଯ୍ୟାନ୍ୱୟନ ଏବଂ ସମ୍ପାଦନ ସହିତ ଜଡ଼ିତ ପୋଲିସ କିମ୍ବା ପରିବହନ ବିଭାଗର କାର୍ଯ୍ୟରେ କୌଣସି କର୍ତ୍ତୃପକ୍ଷ, ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ହସ୍ତକ୍ଷେପ କରିବେ ନାହିଁ ।

ଟି. ଏନ୍. ଏ. ଆବେଦନ ଏବେବି ବିଚାରାଧୀନ ରହିଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : - ଭବାନୀ ଶଙ୍କର ନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**